ଆରବିଆଇ ୨୦୦୫-୦୬/୧୦୭
ଡିସିଏମ୍ (ପିଏଲ୍‌ଜି)ନଂ.ଜି.୬/୧୦.୦୧.୦୦/୨୦୦୫-୦୬

अଗଷ୍ଟ ୧୦, ୨୦୦୫

**ଅଧ୍ୟକ୍ଷ/ପରିଚାଳନା ନିର୍ଦ୍ଦେଶକ/ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ/ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**
**ସାର୍ବଜନୀନ ବ୍ୟାଙ୍କ/ଘରୋଇ ବ୍ୟାଙ୍କ/ବିଦେଶୀ ବ୍ୟାଙ୍କ**

ମହାଶୟ/ମହାଶୟା,

**ଭାରତୀୟ ବ୍ୟାଙ୍କ ନୋଟରେ ଅତିରିକ୍ତ/ନୂଆ ନିରାପତ୍ତା ବିଶେଷତ୍ୱ**

ଦିନାଙ୍କ ମଇ ୦୬, ୨୦୦୫ରେ ଆମ ଦ୍ୱାରା ଜାରୀ କରାଯାଇଥିବା ଚିଠି ଆରବିଆଇ/୨୦୦୪-୦୫/୪୫୮ : ଡିସିଏମ୍ (ପିଏଲ୍‌ଜି)ନଂ.ଜି.୪୦/୧୦.୦୧.୦୦/୨୦୦୪-୦୫ ଦେଖନ୍ତୁ, ଯେଉଁଥିରେ ଭାରତୀୟ ବ୍ୟାଙ୍କ ନୋଟରେ ଅତିରିକ୍ତ/ନୂତନ ନିରାପତ୍ତା ବିଶେଷତ୍ୱ ସାମିଲ୍ ହେବାର ତାଲିକା, ଏବଂ ଏ ବିଷୟରେ ବ୍ୟାଙ୍କମାନଙ୍କର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନେଇ ମୁମ୍ବାଇ ଠାରେ ମଇ ୨୫, ୨୦୦୫ ରେ ଅନୁଷ୍ଠିତ ହୋଇଥିବା ଆଲୋଚନା ବିଷୟରେ ଉଲ୍ଲେଖ କରାଯାଇଥିଲା ।

୨. ଅତିରିକ୍ତ/ନୂତନ ନିରାପତ୍ତା ବିଶେଷତ୍ୱ ଥିବା ୫୦ ଟଙ୍କା ଓ ୧୦୦ ଟଙ୍କା ମୂଲ୍ୟବର୍ଗର ବ୍ୟାଙ୍କ ନୋଟ ଅଗଷ୍ଟ ୨୦୦୫ରେ ଜାରୀ କରାଯିବ। ଏହି କ୍ରମରେ ସେପ୍ଟେମ୍ବର ୨୦୦୫ରେ ୫୦୦ ଟଙ୍କା ଓ ୧୦୦୦ ଟଙ୍କା ମୂଲ୍ୟବର୍ଗର ବ୍ୟାଙ୍କ ନୋଟ୍ ଜାରୀ କରାଯିବ। ଅତିରିକ୍ତ ଓ ନୂତନ ନିରାପତ୍ତା ବିଶେଷତ୍ୱ ଥିବା ୧୦ ଟଙ୍କା ଓ ୨୦ ଟଙ୍କା ମୂଲ୍ୟବର୍ଗର ବ୍ୟାଙ୍କ ନୋଟ୍ ୨୦୦୬ ମସିହାରେ ଜାରୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

୩. ଆପଣଙ୍କ ସୂଚନା ନିମନ୍ତେ ଓ ଆବଶ୍ୟକ କାର୍ଯ୍ୟ ପାଇଁ ଅତିରିକ୍ତ/ନୂତନ ନିରାପତ୍ତା ବିଶେଷତ୍ୱ ବିଶିଷ୍ଟ ୫୦ ଟଙ୍କା ଓ ୧୦୦ ଟଙ୍କା ମୂଲ୍ୟବର୍ଗର ବ୍ୟାଙ୍କ ନୋଟ୍ ସଂପର୍କିତ ପ୍ରେସ୍ ବିଜ୍ଞପ୍ତିର ନକଲ ଏଠାରେ ସଂଯୁକ୍ତ କରାଗଲା। ଆମ ୱେବସାଇଟ୍ (www.rbi.org.in) ରେ ମଧ୍ୟ ଏହା ସ୍ଥାନିତ ହୋଇଛି। ସର୍ବସାଧାରଣ ଓ ଆପଣଙ୍କ କର୍ମଚାରୀମାନଙ୍କ ହିତ ସକାଶେ ଅତିରିକ୍ତ/ନୂତନ ନିରାପତ୍ତା ବିଶେଷତ୍ୱ ଥାଇ ବ୍ୟାଙ୍କ ନୋଟ୍ ଗୁଡିକର ଉପଯୁକ୍ତ ପ୍ରଚାର କରିବାକୁ ଆମେ ପରାମର୍ଶ ଦେଉଛୁ। ଆପଣଙ୍କ ଶାଖାରେ ମଧ୍ୟ ଏହାକୁ ପ୍ରଦର୍ଶିତ କରାଇବାର ବ୍ୟବସ୍ଥା ପରିପାରନ୍ତି।

୪. ଦୟାକରି ପ୍ରାପ୍ତି ସ୍ୱୀକାର କରିବେ।

ଆପଣଙ୍କ ବିଶ୍ୱସ୍ତ

**ୟୁ.ଏସ୍. ପାଲିୱାଲ**
ମହା ପ୍ରବନ୍ଧକ